## D.A.V. PUBLIC SCHOOLS, POKHARIPUT, BBSR
### TERM - 1 (2020-2021)
## CLASS – VII
## SUBJECT – LOWER ODIA

**TIME- 90 MINUTES** **SET -A** **Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନ ପତ୍ରରେ ୪ଟି ବିଭାଗ (କ,ଖ,ଗ,ଘ) ଅଛି ।
- ପ୍ରଶ୍ନପତ୍ରରେ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

**ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧ ରୁ ୫ ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ ।** **(୪୦X୧=୪୦)**

ଭାରତରେ କରୋନା ସଂକ୍ରମଣ ଏବଂ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମାନବ ସମାଜ ପାଇଁ ମୃତ୍ୟୁଦୂତ ପାଲଟିଥିବା କରୋନା ପରୋକ୍ଷରେ ପରିବେଶ ପାଇଁ ଏକ ପ୍ରକାର ବରଦାନ ସାବ୍ୟସ୍ତ ହୋଇଛି । କରୋନା ମୁକାବିଲା ପାଇଁ ରାଜ୍ୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ମାସ୍କ ନ ପିନ୍ଧିଲେ ପ୍ରଥମ ୩ ଥର ୨୦୦ ଓ ପରେ ୫୦୦ ଟଙ୍କା ଫାଇନ୍ ଆଦାୟ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । କରୋନା ସଂକ୍ରମଣରୁ ରକ୍ଷା ପାଇଁ ମାସ୍କ, ଗ୍ଲୋବ୍ସ ଏବଂ ପି.ପି.ଇ. କିଟ୍ ବ୍ୟବହାର ପରେ ଫିଙ୍ଗି ଦିଆଯାଉଥିବା ବେଳେ ତାହା ପ୍ରଦୂଷଣ ସୃଷ୍ଟି କରୁଛି। ଏହି ବର୍ଜ୍ୟ ସାମଗ୍ରୀଗୁଡିକ ପ୍ରବାହିତ ହୋଇ ସମୁଦ୍ରରେ ମିଶି ଏହାର ଜଳକୁ ବିଷାକ୍ତ କରୁଥିବା ଜଣାପଡ଼ିଛି। ଫଳରେ ସାମୁଦ୍ରିକ ପରିବେଶ ପ୍ରଦୂଷିତ ହେଉଛି। କୋଟିକୋଟି ସଂଖ୍ୟାରେ ବ୍ୟବହୃତ ମାସ୍କ ଓ ଗ୍ଲୋବ୍ସ ପ୍ରଭୃତି ସମୁଦ୍ରକୁ ଫିଙ୍ଗି ଦିଆଯାଉଥିବାରୁ ଜଳଚର ପ୍ରାଣୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଥିବା ଓସିଏନ-ଏସିଆ ସଂସ୍ଥା ସୂତ୍ରରୁ ଜଣାପଡ଼ିଛି । ସଂସ୍ଥା ପକ୍ଷରୁ ହଂକଂ, ତୁର୍କୀ, ଫ୍ରାନ୍ସ ଓ ବ୍ରିଟେନ୍‌ର ସମୁଦ୍ର କୂଳରେ ପଡିଥିବା ଆବର୍ଜନାର ସର୍ଭେ କରାଯାଇଥିଲା । ଏହି ଅନୁସାରେ ସମୁଦ୍ର କୂଳରୁ ୧୦୦ ମିଟର ଦୂରତା ଭିତରେ କୋଭିଡ-୧୯ ଚିକିତ୍ସା ପାଇଁ ବ୍ୟବହୃତ ମେଡ଼ିକାଲ ଆବର୍ଜନା ବହୁପରିମାଣରେ ଜମା ହୋଇ ରହିଛି । ସମ୍ପ୍ରତି ପୃଥିବୀର ୧୮୮ଟି ଦେଶ କରୋନା ସଂକ୍ରମିତ ହୋଇଥିବା ବେଳେ ଆକଳନ ଅନୁସାରେ ଗୋଟିଏ ଲୋକ ଦିନକୁ ଦୁଇଟି ମାସ୍କ ବ୍ୟବହାର କରେ । ବ୍ୟବହାର ପରେ ଏଗୁଡ଼ିକୁ ଫିଙ୍ଗି ଦେଉଥିବା ବେଳେ ଏହା ସମୁଦ୍ରରେ ମିଶୁଛି । ଫଳରେ ସମୁଦ୍ର ଜଳ ବିଷାକ୍ତ ହେଉଛି।

**୧. ସାମୁଦ୍ରିକ ପରିବେଶ କିପରି ପ୍ରଦୂଷିତ ହେଉଛି ?**

**(i)** ସମୁଦ୍ରରେ ଜାହାଜର ପରିମାଣ ବଢ଼ିଯିବାରୁ

**(ii)** ଜଳପଥକୁ ମୁଖ୍ୟପଥ କରାଯିବାରୁ

**(iii)** ଜଳବାହିନୀ ସୈନିକମାନଙ୍କର ପ୍ରାଦୁର୍ଭାବ ଯୋଗୁଁ

**(iv)** ବର୍ଜ୍ୟ ସାମଗ୍ରୀଗୁଡିକ ପ୍ରବାହିତ ହୋଇ ସମୁଦ୍ରରେ ମିଶୁଥିବାରୁ

**୨. ସମ୍ପ୍ରତି ପୃଥିବୀର କେତୋଟି ଦେଶ କରୋନା ସଂକ୍ରମିତ ହୋଇଛି ?**

(i) ୧୮୫ ଟି

(ii) ୧୯୫ଟି

(iii) ୧୮୮ ଟି

(iv) ୧୯୦ଟି

**୩. ମାନବ ସମାଜ ପାଇଁ ମୃତ୍ୟୁଦୂତ ସାଜିଥିବା କରୋନା କାହାପାଇଁ ବରଦାନ ସାବ୍ୟସ୍ତ ହୋଇଛି ?**

(i) ଚୀନ ପାଇଁ

(ii) ଆମେରିକା ପାଇଁ

(iii) ପରିବେଶ ପାଇଁ

(iv) ବ୍ରାଜିଲ୍ ପାଇଁ

**୪. ଜଳଚର ପ୍ରାଣୀଙ୍କ ଜୀବନ ପ୍ରତି  ବିପଦ ସୃଷ୍ଟି ହୋଇଥିବା କଥା କେଉଁ ସଂସ୍ଥା ପ୍ରକାଶ କରିଛି ?**

(i) ଓସିଏନ-ଏସିଆ ସଂସ୍ଥା

(ii) ଓସିଏ – ଓଡ଼ିଶା ସଂସ୍ଥା

(iii) ଓଏନସି – ଭାରତୀୟ ସଂସ୍ଥା

(iv) ଓଏନ୍‌ସିସି – ଆମେରିକୀୟ ସଂସ୍ଥା

**୫. କରୋନା ସଂକ୍ରମଣରୁ ରକ୍ଷା ପାଇଁ ମାନବ କେଉଁ ଉପକରଣ ବ୍ୟବହାର କରୁଛି ?**

(i) ହେଲ୍‌ମେଟ୍ ଓ ବାଡ଼ି

(ii) ମାସ୍କ, ଗ୍ଲୋବ୍ସ ଏବଂ ପି.ପି.ଇ. କିଟ୍

(iii) ଟୋପି ଓ ଛତା

(iv) ସାଇକେଲ୍ ଓ ଗାଡ଼ି

**୬. ' ପରୱାନା' ଶବ୍ଦର ଉପଯୁକ୍ତ ଅର୍ଥ ଚିହ୍ନଟ କର ।**

(i) ପିଅନ

(ii) ଆଦେଶପତ୍ର

(iii) ରାଜକର୍ମଚାରୀ

(iv) ନମସ୍କାର

**୭. ' ପୁଳି' ଶବ୍ଦର ଉପଯୁକ୍ତ ଅର୍ଥ ଚିହ୍ନଟ କର ।**

(i) ପଖାଳ

(ii) ଲହୁଣୀ

(iii) ପେଡ଼ା

(iv) ପିଠା

**୮. 'ଗ୍ରୀଷମ' ଶବ୍ଦର ଉପଯୁକ୍ତ ଗଦ୍ୟରୂପ ଚିହ୍ନଟ କର ।**

**(i)** ଗ୍ରୀସ୍ମ

**(ii)** ଗୀଷ୍ମ

**(iii)** ଗ୍ରିସ୍ମ

(iv) ଗ୍ରୀଷ୍ମ

୯. 'ଗରଜି' ଶବ୍ଦର ଉପଯୁକ୍ତ ଗଦ୍ୟରୂପ ଚିହ୍ନଟ କର ।

**(i)** ଗର୍ଜି

**(ii)** ଗ୍ରଜୀ

**(iii)** ଗ୍ରଜି

**(iv)** ଗର୍ଜୀ

୧୦. 'ରବି' ଶବ୍ଦର ଉପଯୁକ୍ତ ପ୍ରତିଶବ୍ଦ ଚିହ୍ନଟ କର ।

**(i)** ଚନ୍ଦ୍ର

(ii) ଆକାଶ

(iii) ସୂର୍ଯ୍ୟ

(iv) ବୃକ୍ଷ

୧୧. ' ବଂଶୀଧର' ଶବ୍ଦର ଉପଯୁକ୍ତ ପ୍ରତିଶବ୍ଦ ଚିହ୍ନଟ କର ।

**(i)** ଭୀଷ୍ମ

(ii) ଅର୍ଜୁନ

(iii) ରାମ

(iv) ଶ୍ରୀକୃଷ୍ଣ

୧୨. 'ଠାକୁର' ଶବ୍ଦର ଉପଯୁକ୍ତ ଲିଙ୍ଗ ପରିବର୍ତ୍ତିତ ଶବ୍ଦ ଚିହ୍ନଟ କର ।

**(i)** ଠାକୁରାନି

(ii) ଠାକୁରାଣୀ

(iii) ଠାକୁରାଣି

(iv) ଠାକୂରାଣୀ

୧୩. 'ସମୁଦ୍ରୁଣୀ' ଶବ୍ଦର ଉପଯୁକ୍ତ ଲିଙ୍ଗ ପରିବର୍ତ୍ତିତ ଶବ୍ଦ ଚିହ୍ନଟ କର ।

**(i)** ସମୁଦ

(ii) ସମୂଦୀ

(iii) ସମୁଦି

(iv) ସମୁଦୁଆଣୀ

୧୪. ପ୍ରାଣୀ ଜୀବନ ................ । (ଶୂନ୍ୟସ୍ଥାନ ପାଇଁ ଠିକ୍ ଶବ୍ଦଟିକୁ ଚିହ୍ନଟ କର ।)

**(i)** ଜଳରାଶି

(ii) ସାଧନା

(iii) କରୁଣା

(iv) ଶସ୍ୟରାଶି

**୧୫. ଉଚ୍ଚମନା ଉଚ୍ଚେ ------------ ଲଭଇ , (ଶୂନ୍ୟସ୍ଥାନ ପାଇଁ ଠିକ୍ ଶବ୍ଦଟିକୁ ଚିହ୍ନଟ କର ।)**

**(i)** ବିଷ

(ii) ଅମୃତ

(iii) ଆସନ

(iv) ମନକୁ

**୧୬. ' ଆହ୍ୱାନ' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟକୁ ଚିହ୍ନଟ କର ।**

**(i)** ଆହ୍ୱାନ ଦେଉଥିଲେ ଦେଶବାସୀଙ୍କୁ ମହାତ୍ମା ।

**(ii)** ମଧୁବାବୁ ଉତ୍କଳବାସୀଙ୍କୁ ଜାଗୃତ କରିବା ପାଇଁ ଆହ୍ୱାନ ଦେଉଥିଲେ ।

**(iii)** ଗୋପବନ୍ଧୁଙ୍କ ଆହ୍ୱାନରେ ଉତ୍କଳବାସୀ ।

**(iv)** ସ୍ୱାଧୀନତା ଆହ୍ୱାନ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ଦେଲେ ।

**୧୭. ' ପରିପକ୍ୱ' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟକୁ ଚିହ୍ନଟ କର ।**

**(i)** ସଂସାରରେ କିଏ ପରିପକ୍ୱ ।

**(ii)** ଏଠାରୁ ଦୂରେଇ ପରିପକ୍ୱ ଯାଅ ।

**(iii)** ଅଭିଜ୍ଞତା ବଢ଼ିଲେ ପରିପକ୍ୱତା ଆସିଥାଏ ।

**(iv)** କର୍ମ ମିଳେ ଜ୍ଞାନ ପରିପକ୍ୱ ହେଲେ ଶକ୍ତି କରିବାର ।

**୧୮. 'ନିର୍ବାଚନ' ଶବ୍ଦର ଉପଯୁକ୍ତ ରୂପ ପରିବର୍ତ୍ତିତ ଶବ୍ଦଟିକୁ ଚିହ୍ନଟ କର ।**

**(i)** ନିର୍ବାଚିନ

(ii) ନିବାରଚନ

(iii) ନିର୍ବାଚିତ

(iv) ନିର୍ବାଚୀତ

**୧୯. 'ପରିଚୟ' ଶବ୍ଦର ଉପଯୁକ୍ତ ରୂପ ପରିବର୍ତ୍ତିତ ଶବ୍ଦଟିକୁ ଚିହ୍ନଟ କର ।**

**(i)** ପରୀଚିତ

(ii) ପରିଚିତ

(iii) ପରାଚିତ

(iv) ପରାଜିତ

**୨୦. ' ଶାରୀରିକ' ଶବ୍ଦ ସହ କ'ଣ ଯୋଗ କଲେ ଶବ୍ଦଦ୍ୱୟର ମିଳନ ଘଟିବ ?**

(i) ପରିଶ୍ରମ

(ii) ଘାସକଟା

(iii) ବୁଢ଼ା

(iv) ନମସ୍କାର

୨୧. ' ଦାୟିତ୍ୱ' ଶବ୍ଦ ସହ କ'ଣ ଯୋଗ କଲେ ଶବ୍ଦଦ୍ୱୟର ମିଳନ ଘଟିବ ?

(i) ଜ୍ଞାନ

(ii) ଶାସନ

(iii) କାର୍ଯ୍ୟ

(iv) ସମ୍ପତ୍ତି

୨୨. ମେଘମାନେ କେଉଁଠି ମିଳିତ ହୁଅନ୍ତି ?

(i) ଧରାପୃଷ୍ଠରେ

(ii) ଶୂନ୍ୟପଥରେ

(iii) ସ୍ଥଳପଥରେ

(iv) ଜଳପଥରେ

୨୩. 'ବର୍ଷା' କବିତାଟି ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ ଆନୀତ ?

(i) ନବମ

(ii) ଦଶମ

(iii) ବିଂଶ

(iv) ଏକବିଂଶ

୨୪. 'ବର୍ଷା' କବିତାରେ କାହାକୁ ରାଜା ବୋଲି କୁହାଯାଇଛି ?

(i) ଛତ୍ରୁ

(ii) ପୃଥିବୀ

(iii) ମୟୂର

(iv) କବିଙ୍କୁ

୨୫. କେଉଁମାନେ ସିଂହଦ୍ୱାର ନିକଟରେ ଥାଇ ଶ୍ରୀକୃଷ୍ଣଙ୍କୁ ଡାକୁଛନ୍ତି ?

(i) ଗୋପୀମାନେ

(ii) କଂସର ଦୂତଗଣ

(iii) ନନ୍ଦରାଜାଙ୍କ ଦୂତଗଣ

(iv) ଗୋପାଳ ବାଳକମାନେ

୨୬. ବନମାଳୀ ଦାସଙ୍କ ସମସ୍ତ କବିତାକୁ କେଉଁ ନାମରେ ଏକତ୍ର କରି ଛପାଯାଇଛି ?

**(i)** ବନମାଳୀ ଗୀତାବଳୀ

(ii) ବନମାଳୀ ମାଳିକା

(iii) ବନମାଳୀ ଚରିତ

(iv) ବନମାଳୀ ପଦାବଳୀ

**୨୭. ଗୋପାଳ ବାଳକମାନେ କ'ଣ କହି ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଉଛନ୍ତି ?**

**(i)** ଅଚ୍ୟୁତ

**(ii)** ବଂଶୀଧର

**(iii)** ଚକ୍ରଧର

**(iv)** ବନମାଳୀ

**୨୮. ଅସହଯୋଗ ଆନ୍ଦୋଳନ କେଉଁ ମସିହାରେ ହୋଇଥିଲା ?**

**(i)** ୧୯୧୯

(ii) ୧୯୨୧

(iii) ୧୯୨୨

(iv) ୧୯୨୫

**୨୯. ପାରଳା ଖେମୁଣ୍ଡିର ମହାରାଜା କିଏ ?**

**(i)** ରାମମୋହନ ରାୟ

**(ii)** କୃଷ୍ଣଚନ୍ଦ୍ର ଭଞ୍ଜ

**(iii)** କୃଷ୍ଣଚନ୍ଦ୍ର ଗଜପତି

**(iv)** ଶ୍ରୀରାମଚନ୍ଦ୍ର ଭଞ୍ଜ

**୩୦. ମନୁଷ୍ୟର ଜ୍ଞାନ ସହିତ କ'ଣ ଏକା ସ୍ତରରେ ରହିବା ଆବଶ୍ୟକ ?**

**(i)** ଧର୍ମ

(ii) ବୁଦ୍ଧି

(iii) ବିଦ୍ୟା

(iv) କର୍ମ

**୩୧. 'କ'ଣ ଶିଖିବା' ବିଷୟଟି ଲେଖକଙ୍କର କେଉଁ ପୁସ୍ତକରୁ ସଂଗୃହୀତ ?**

**(i)** ଗଙ୍ଗାରୁ ଗୋଦାବରୀ

**(ii)** ଲଣ୍ଡନ ଚିଠି

**(iii)** ଅମର ମଣିଷ

**(iv)** ଆମେରିକା ଅନୁଭୂତି

**୩୨. ମିଷ୍ଟର ବେକର୍ କିଏ ?**

**(i)** ଅବସର ପ୍ରାପ୍ତ ଡାକ୍ତର

**(ii)** ଅବସର ପ୍ରାପ୍ତ ଇଞ୍ଜିନିୟର

**(iii)** ଅବସର ପ୍ରାପ୍ତ ଶିକ୍ଷକ

**(iv)** ଓକିଲ

**୩୩. ଲେଖକ ପ୍ରଫେସର ମର୍ଗାନ୍‌ଙ୍କ ବନ୍ଧୁକୁ ଦେଖି ସେ କିଏ ବୋଲି ଭାବିଲେ ?**

**(i)** ବିଜ୍ଞାନ ଶିକ୍ଷକ

(ii) ସାଇ ପଡ଼ିଶାର କୁଲି

(iii) ଅଧ୍ୟାପକ

(iv) କଲଗେଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର

**୩୪. କିଏ ଦୁଇବର୍ଷ କାଳ କେବଳ ଶନିବାର ରବିବାର ଛୁଟିରେ ଲାଗିଲାଗି ନିଜ ହାତରେ ଗୋଟିଏ ଘର ତିଆରି କରିଛନ୍ତି ?**

**(i)** ପ୍ରଫେସର ମର୍ଗାନ୍

**(ii)** ମିଷ୍ଟର ବେକର

**(iii)** ଇଂରେଜୀ ଅଧ୍ୟାପକ

**(iv)** ପଦାର୍ଥ ବିଜ୍ଞାନ ଶିକ୍ଷକ

**୩୫. ବିନାୟକ ଦାମୋଦର ସଭର୍‌କର୍‌ଙ୍କ ପିତାଙ୍କ ନାମ କ'ଣ ?**

**(i)** ନାରାୟଣ ରାଓ

**(ii)** ଗଣେଶ ଦାମୋଦର

**(iii)** ଦାମୋଦର ପନ୍ଥ ସଭର୍‌କର୍

**(iv)** ରାଧାମାଧବ ସଭର୍‌କର୍

**୩୬. ସଭର୍‌କର୍ ଆଣ୍ଡାମାନ ଜେଲ୍‌ରେ କେତେ ବର୍ଷ କଟାଇଥିଲେ ?**

**(i)** ଦଶବର୍ଷ

**(ii)** ଏଗାରବର୍ଷ

**(iii)** ବାରବର୍ଷ

**(iv)** ଷୋଳବର୍ଷ

**୩୭. "ମହାରାଷ୍ଟ୍ରରେ କ'ଣ ଶିବାଜୀ ପୁନର୍ଜନ୍ମ ଗ୍ରହଣ କଲେ ! " – ଏହି ଉକ୍ତି କାହାର ?**

**(i)** ବାଲ୍‌ଗଙ୍ଗାଧର ତିଲକ

**(ii)** ଲାଲା ଲାଜ୍‌ପତ ରାୟ

**(iii)** ଇଂରେଜ ସାମ୍ବାଦିକ

**(iv)** ବିପିନ୍ ଚନ୍ଦ୍ର ପାଲ୍

**୩୮. ମୋଗଲ ଶାସନ କାଳରେ ବିଚାରପତିମାନଙ୍କୁ କ'ଣ କୁହାଯାଉଥିଲା ?**

**(i)** ସୁବେଦାର

**(ii)** ପିଆଦା

**(iii)** କାଜି

**(iv)** ସମ୍ରାଟ

**୩୯. ରାଜକାର୍ଯ୍ୟରୁ ଅବସର ପାଇଲେ,ଗିଆସୁଦ୍ଦିନ୍ କ'ଣ କରୁଥିଲେ ?**

**(i)** ଭ୍ରମଣ କରୁଥିଲେ

**(ii)** ଶୟନ କରୁଥିଲେ

**(iii)** ସଂଗୀତ ଗାନ କରୁଥିଲେ

**(iv)** ଲାଖ ବିନ୍ଧାରେ ମାତୁଥିଲେ

**୪୦. ଅଦାଲତରେ ସୁଲତାନ୍‌ଙ୍କୁ ଦେଖି ଲୋକମାନେ କ'ଣ କଲେ ?**

**(i)** ପଳେଇଗଲେ

(ii) ଭୟଭୀତ ହେଲେ

(iii) ଆଣ୍ଠୁମାଡ଼ି ସଲାମ୍ କଲେ

(iv) କାନ୍ଦି ପକାଇଲେ

**************

**D.A.V. PUBLIC SCHOOLS, POKHARIPUT, BBSR**
**TERM - 1 (2020-2021)**
**CLASS – VII**
**SUBJECT – LOWER ODIA**
**TIME- 90 MINUTES SET -A Maximum Marks -40**

| Qs No | Answer |
|---|---|
| ୧ | **(ii)** ଶ୍ୱାସ ନେବାରେ ବାଧା, କିଡ଼ନୀ ଓ ହୃଦୟକୁ ଏହା ନଷ୍ଟ କରିଦେଇଥାଏ । |
| ୨ | **(iii)** ୧୮୮ ଟି ଦେଶ |
| ୩ | **(iii)** ପରିବେଶ ପାଇଁ |
| ୪ | **(i)** ଓସିଏନ-ଏସିଆ ସଂସ୍ଥା |
| ୫ | **(ii)** ମାସ୍କ, ଗ୍ଲୋବ୍ସ ଏବଂ ପିପିଇ କିଟ୍ |
| ୬ | **(ii)** ଆଦେଶପତ୍ର |
| ୭ | **(iv)** ପିଠା |
| ୮ | **(iv)** ଗ୍ରୀଷ୍ମ |
| ୯ | **(i)** ଗର୍ଜି |
| ୧୦ | **(iii)** ସୂର୍ଯ୍ୟ |
| ୧୧ | **(iv)** ଶ୍ରୀକୃଷ୍ଣ |
| ୧୨ | **(ii)** ଠାକୁରାଣୀ |
| ୧୩ | **(iii)** ସମୁଦ୍ର |
| ୧୪ | **(i)** ଜଳରାଶି |
| ୧୫ | **(ii)** ଅମୃତ |
| ୧୬ | **(ii)** ମଧୁବାବୁ ଉତ୍କଳବାସୀଙ୍କୁ ଜାଗୃତ କରିବା ପାଇଁ ଆହ୍ୱାନ ଦେଉଥିଲେ । |
| ୧୭ | **(iii)** ଅଭିଜ୍ଞତା ବଢ଼ିଲେ ପରିପକ୍ୱତା ଆସିଥାଏ । |
| ୧୮ | **(iii)** ନିର୍ବାଚିତ |
| ୧୯ | **(ii)** ପରିଚିତ |

| | |
|---|---|
| ୨୦ | **(i)** ପରିଶ୍ରମ |
| ୨୧ | **(i)** ଜ୍ଞାନ |
| ୨୨ | **(ii)** ଶୂନ୍ୟପଥରେ |
| ୨୩ | **(ii)** ଦଶମ |
| ୨୪ | **(ii)** ପୃଥିବୀ |
| ୨୫ | **(iv)** ଗୋପାଳ ବାଳକମାନେ |
| ୨୬ | **(iv)** ବନମାଳୀ ପଦାବଳୀ |
| ୨୭ | **(i)** ଅଚ୍ୟୁତ |
| ୨୮ | **(ii)** ୧୯୨୧ |
| ୨୯ | **(iii)** କୃଷ୍ଣଚନ୍ଦ୍ର ଗଜପତି |
| ୩୦ | **(iv)** କର୍ମ |
| ୩୧ | **(iv)** ଆମେରିକା ଅନୁଭୂତି |
| ୩୨ | **(ii)** ଅବସର ପ୍ରାପ୍ତ ଇଞ୍ଜିନିୟର |
| ୩୩ | **(ii)** ସାଇ ପଡ଼ିଶାର କୁଲି |
| ୩୪ | **(iv)** ପଦାର୍ଥ ବିଜ୍ଞାନ ଶିକ୍ଷକ |
| ୩୫ | **(iii)** ଦାମୋଦର ପନ୍ଥ ସଭର୍କର୍ |
| ୩୬ | **(i)** ଦଶବର୍ଷ |
| ୩୭ | **(i)** ବାଲ୍‌ଗଙ୍ଗାଧର ତିଲକ |
| ୩୮ | **(iii)** ସୁଲତାନ୍ ଗିଆସୁଦ୍ଦିନ୍ ବଲବନ୍ |
| ୩୯ | **(iii)** କାଜି |
| ୪୦ | **(iii)** ଆଣ୍ଠୁମାଡ଼ି ସଲାମ୍ କଲେ |